# <u>ପ୍ରେସ୍ ଇସ୍ତାହାର</u>

## "କଟକ ଅର୍ବାନ ଜିଲ୍ଲାରେ ଅପରାଧ ସ୍ଥିତି ଓ ପୋଲିସ ବ୍ୟବସ୍ଥା" ଉପରେ କର୍ମଶାଳା ,

## ସ୍ଥାନ – ଗାନ୍ଧୀ ଭବନ, କଟକ, ତା ୧୮.୧୨.୨୦୧୯

ସେଣ୍ଟର ଫର୍ ଦି ସସ୍‌ଷ୍ଟେନ୍‌ଏବଲ୍ ଇଉଜ୍ ଅଫ୍ ନାଚୁରାଲ୍ ଏଣ୍ଡ ସୋସିଆଲ୍ ରିସୋର୍ସେସ୍ (ସିଏସ୍‌ଏନ୍‌ଆର) ଓ କମନ୍‌ୱେଲ୍‌ଥ ହ୍ୟୁମାନ୍ ରାଇଟସ୍ ଇନିସିଏଟିଭ୍ (ସିଏଚଆରଆଇ) ମିଳିତ ଭାବେ ଚାରଟି ପୋଲିସ ଜିଲ୍ଲା – ଭୁବନେଶ୍ୱର, କଟକ, ଯାଜପୁର ଓ କନ୍ଧମାଳ – ଉପରେ କରିଥିବା ଗବେଷଣାତ୍ମକ ରିପୋର୍ଟ "ଓଡିଶାରେ ଅପରାଧ ସ୍ଥିତି ଓ ପୋଲିସ ବ୍ୟବସ୍ଥା" କୁ ଗତ ତା୧୮.୧୨.୨୦୧୯ରିଖରେ କଟକର ଗାନ୍ଧୀ ଭବନଠାରେ କରାଯାଇଥିବା କର୍ମଶାଳାରେ ଉପସ୍ଥାପିତ କରାଯାଇଥିଲା ।

ଏହି ରିପୋର୍ଟ ଅନୁସାରେ , କଟକ ଅର୍ବାନ ଜିଲ୍ଲାରେ ୨୦୧୭ରେ ସମୁଦାୟ ୩୮୭୯ ଟି ଏବଂ ଜାନୁୟାରୀ – ମେ ୨୦୧୮ରେ ୧୬୯୩ଟି ମାମଲା ପଞ୍ଜିକୃତ ହୋଇଛି। ସର୍ବାଧିକ ମାମଲା ମଧ୍ୟରେ ରହିଛି : ଚୋରୀ – ୮୯୮ , ମଟର ଦୁର୍ଘଟଣା -୪୬୪ , ସିନ୍ଧି ଚୋରୀ – ୨୩୪ ଓ ଧର୍ଷଣ -୮୩ ।

୨୦୧୭ରେ କଟକ ଅର୍ବାନ ଜିଲ୍ଲାରେ ମୋଟ ୩୦୮ଟି ମହିଳା ବିରୋଧୀ ଅପରାଧ ପଞ୍ଜିକୃତ ହୋଇଛି । ଜାନୁୟାରୀ – ମେ ୨୦୧୮ରେ ଏହି ସଂଖ୍ୟା ହେଉଛି ୧୦୮ । ଏଥି ମଧ୍ୟରୁ ସର୍ବାଧିକ ମାମଲା ମହିଳା (୧୨୦), ଜଗତପୁର(୭୦), ଲାଲବାଗ (୪୬) ଓ ମଙ୍ଗଳାବାଗ (୩୭) ଥାନାରେ ଦାଖଲ ହୋଇଛି । ଯୌତୁକ ଜନିତ ହିଂସା (୧୪୪), ଅପହରଣ (୧୦୭) , ଧର୍ଷଣ (୭୫) , ଓ ଯୌନ ଉତ୍ପୀଡ଼ନ (୨୧) ପରି ଗୁରୁତର ମାମଲା ଅଧିକ ମାତ୍ରାରେ ହୋଇଥିବାରୁ ମହିଳାମାନଙ୍କ ସୁରକ୍ଷାକୁ ନେଇ ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବିମାନେ ଚିନ୍ତା ପ୍ରକଟ କରିଥିଲେ ।

କଟକ ଅର୍ବାନ ଜିଲ୍ଲାରେ ପୋକ୍ସୋ ଆଇନ୍-୨୦୧୨ ଅଧିନରେ ୨୦୧୭ ମସିହାରେ ସମୁଦାୟ ୪୪ଟି ଶିଶୁଙ୍କ ଉପରେ ଅପରାଧିକ ଯୌନ ନିର୍ଯାତନା ମାମଲା ପଞ୍ଜିକୃତ ହୋଇଛି । ଏଥିରେ ସର୍ବାଧିକ ମାମଲା ମହିଳା (୮), ବାଦାମବାଡି (୬) , ଚୌଦ୍ୱାର (୫) ଓ ସଦର (୫) ଥାନାରେ ହୋଇଛି । ସେହିଭଳି ଜାନୁୟାରୀ-ମେ ୨୦୧୮ରେ ପଞ୍ଜିକୃତ ହୋଇଥିବା ୧୧ଟି ଶିଶୁ ଯୌନ ନିର୍ଯାତନା ମାମଲା ମଧ୍ୟରୁ ସର୍ବାଧିକ ମାମଲା ମହିଳା (୬) ଓ ବାଦାମବାଡି (୩) ଥାନାରେ ହୋଇଛି । ତେଣୁ ଉଭୟ ଶିଶୁ ଓ ମହିଳାମାନେ ସୁରକ୍ଷିତ ନୁହଁନ୍ତି ବୋଲି ମତ ପ୍ରକାଶ ପାଇଥିଲା ।

କଟକ ଅର୍ବାନ ଜିଲ୍ଲାରେ ଅନୁସୂଚୀତ ଜାତି ଓ ଜନଜାତି ସୁରକ୍ଷା ଆଇନ୍ , ୧୯୮୯ ଅଧିନରେ ୨୦୧୭ ମସିହାରେ ସମୁଦାୟ ୨୭ଟି ମାମଲା ପଞ୍ଜିକୃତ ହୋଇଛି । ଏଥିରେ ସର୍ବାଧିକ ମାମଲା ବାରଙ୍ଗ (୭), ମାଲଗୋଦାମ (୬) ଓ ବାଦାମବାଡି (୪) ଥାନାରେ ହୋଇଛି । ସେହିଭଳି ଜାନୁୟାରୀ-ମେ ୨୦୧୮ରେ ପଞ୍ଜିକୃତ ହୋଇଥିବା ସମୁଦାୟ ୭ଟି ମାମଲା ମଧ୍ୟରୁ ୨ଟି ମାମଲା ବାଦାମବାଡି ଥାନାରେ ହୋଇଛି ।

ମହିଳାମାନଙ୍କ ନିଯୁକ୍ତି ପାଇଁ ୩୩% ପଦ ସଂରକ୍ଷଣ ହେବା ଉଚିତ ବୋଲି ଚର୍ଚ୍ଚା ହେଉଥିବା ବେଳେ, କଟକ ଅର୍ବାନ ଜିଲ୍ଲାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ମଧ୍ୟରେ ୨୦୧୭ରେ କେବଳ ୧୨.୫୮% ଓ ୨୦୧୮ରେ ୧୨.୩୭% ମହିଳା ପୋଲିସ ରହିଥିଲେ । ମିଳିଥିବା ସୂଚନା ଅନୁସାରେ ଜିଲ୍ଲାର କୌଣସି ଥାନାରେ ମହିଳା ହେଡ୍ କନେଷ୍ଟବଳ ନ ଥିଲେ । ୨୦୧୭ମସିହାରେ କଟକ ଅର୍ବାନ ଜିଲ୍ଲାର ୪ଟି ଥାନାରେ (କନ୍ଦରପୁର, ପୁରୀଘାଟ, ଟ୍ରାଫିକ୍ ଓ ଜିଆର୍‌ପିଏସ୍) ମହିଳା ତଦନ୍ତକାରୀ ପୋଲିସ ଅଧିକାରୀ ନ ଥିଲେ । ସେହିପରି ୨୦୧୮ମସିହାରେ ୫ଟି ଥାନାରେ (ସିଡିଏ ଫେଜ୍-୨, ଜଗତପୁର, କନ୍ଦରପୁର, ମର୍କତ ନଗର ଓ ଜିଆର୍‌ପିଏସ୍) ମହିଳା ତଦନ୍ତକାରୀ ପୋଲିସ ଅଧିକାରୀ ନ ଥିଲେ । ତେଣୁ କଟକ ଅର୍ବାନ ଜିଲ୍ଲାର ଥାନାଗୁଡିକରେ ମହିଳା ତଦନ୍ତକାରୀ ଅଧିକାରୀଙ୍କ ବହୁତ ଅଭାବ ଥିବାରୁ ଶିଶୁ ଓ ମହିଳା ମାନଙ୍କ ମାମଲାରେ ବିନା ମହିଳା ତଦନ୍ତକାରୀ ପୋଲିସରେ କିପରି ତଦନ୍ତ କରାଯାଉଛି ବୋଲି ବୁଦ୍ଧିଜୀବିମାନେ ଉଦବେଗ ପ୍ରକାଶ କରିଥିଲେ ।

କଟକ ଅର୍ବାନ ଜିଲ୍ଲାର ୨୨ଟି ଥାନାରୁ ୨୦୧୭ରେ ୧୩ଟି ଥାନା (ବାଦାମବାଡି,ବାରଙ୍ଗ, ବିଡାନାସୀ, କ୍ୟାଣ୍ଟେନମେଣ୍ଟ, ସିଡିଏ ଫେଜ୍-୨, ଚୌଦ୍ୱାର, ଦରଘାବଜାର, ଜଗତପୁର,ଲାଲବାଗ,ମଧୁପାଟଣା, ମଙ୍ଗଳାବାଗ, ସଦର, ସ୍ୱେସାଲ ଏନର୍ଜି ଓ ଟ୍ରାଫିକ୍ ଏନ୍‌ଏଚ୍ ଫୁଲନଖରା) ଓ ୨୦୧୮ରେ ୯ଟି ଥାନା (ବାରଙ୍ଗ, ବିଡାନାସୀ, କ୍ୟାଣ୍ଟେନମେଣ୍ଟ, ଚୌଦ୍ୱାର, ଦରଘାବଜାର, ଲାଲବାଗ,ମଧୁପାଟଣା, ସ୍ୱେସାଲ ଏନର୍ଜି ଓ ଟ୍ରାଫିକ୍ ଏନ୍‌ଏଚ୍ ଫୁଲନଖରା) କାର୍ଯ୍ୟରତ ମହିଳାପୋଲିସ ସଂଖ୍ୟା ବିଷୟରେ କୌଣସି ସୂଚନା ଦେଇ ନାହାଁନ୍ତି ।

କଟକ ଅର୍ବାନ ଜିଲ୍ଲାର ଥାନାଗୁଡିକରେ କାର୍ଯ୍ୟରତ ସମୁଦାୟ ୬୩୭ ରୁ ୫୫୭(୮୭.୫%) ପୋଲିସ କର୍ମଚାରୀଙ୍କୁ ସରକାରୀ ବାସଗୃହ ଦିଆଯାଇ ନାହିଁ । ତେଣୁ କଟକ ଅର୍ବାନ ଜିଲ୍ଲାରେ ପୋଲିସଙ୍କ ପାଇଁ କ୍ୱାଟରର ବହୁତ ଅଭାବ ରହିଛି ।

କଟକ ଅର୍ବାନ ଜିଲ୍ଲାର ୩୦% ଥାନାରେ ଆବଶ୍ୟକୀୟ ଡିସ୍‌ପ୍ଲେ ବୋର୍ଡ ଲଗାଯାଇ ନାହିଁ । ଜିଲ୍ଲାର କୌଣସି ଥାନାରେ ଗିରଫ ନିୟମାବଳୀ (ଆରେଷ୍ଟ ଗାଇଡିଲାଇନ୍) ଅନୁସାରେ ଦୈନିକ ଗିରଫ ସଂପର୍କିତ ସୂଚନା ଡିସ୍‌ପ୍ଲେ ବୋର୍ଡରେ ସାଧାରଣ ନାଗରିକଙ୍କ ଅବଗତି ପାଇଁ ଦିଆଯାଉ ନାହିଁ।

ସୂଚନା ଅଧିକାର ଆଇନି ଅନୁସାରେ ୩୦ଦିନ ଭିତରେ କଟକ ଅର୍ବାନ ଜିଲ୍ଲାର ୨୨ଟି ଥାନାରୁ ୧୧ଟି ଥାନା କୌଣସି ସୂଚନା ପ୍ରଦାନ କରି ନଥିଲେ । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତଥା ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଅନେକ ଥାନାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳି ନ ଥିବାରୁ ସୂଚନା ଅଧିକାର ଆଇନ ସଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ ବୋଲି ସୂଚନା ଅଧିକାର କର୍ମୀମାନେ ମତ ଦେଇଥିଲେ ।

ଧିରେନ୍ଦ୍ର ପଣ୍ଡା (ସମ୍ପାଦକ, ସିଏସ୍‌ଏନ୍‌ଆର)
ଆଡଭୋକେଟ୍ ଚନ୍ଦ୍ରନାଥ ଦାନି (ସଂଯୋଜକ, ସିଏସ୍‌ଏଫ୍‌ଏଚ୍‌ଆର), ମୋ. ନଂ- ୯୩୩୮୭୫୬୦୦
ଡ. ପ୍ରଜ୍ଞା ପରମିତା ଜେନା (ଗବେଷିକା, ସିଏସ୍‌ଏନ୍‌ଆର ), ମୋ. ନଂ-୭୮୯୪୭୩୪୮୦୦
ପ୍ରକାଶ କୁମାର ସାମନ୍ତ ସିଂହାର (ସ୍ୱାଧିନ ଗବେଷକ ), ମୋ. ନଂ-୯୮୬୧୧୬୯୭୦୯